# ତପସ୍ୱିନୀ

ଗଙ୍ଗାଧର ମେହେର

(ରସକଲ୍ୟା )

09 August 2009

(Last updated: ୧୩ ମାର୍ଚ୍ଚ ୨୦୧୦)

http://www.iopb.res.in/~somen/GMeher

ରାଜୋଦ୍ୟାନ-ଶୋଭା ସିନ୍ଧୁ ଲହରି
ଶିରେ ପୁଷ୍ପ-ଫେନପଟଳ ଧରି,
ଯା' ପଦପୁଳିନ ନଖ-ମୁକୁତା
ଜ୍ୟୋତି ସେବନରେ ଥିଲା ଯୁକୁତା,
ତାଙ୍କ ଶୁଭ ଆଗମନ
ଚାହିଁ ଉଲ୍ଲସିଲେ ମୁନି-ଉଦ୍ୟାନର
ବିଟପୀ-ବଲ୍ଲୀ-ସୁମନ ।୧।

ଏକେ ତ ମଧୁର ବସନ୍ତକାଳ,
ବାଳଭାନୁ ହେମ କିରଣଜାଳ,
ପ୍ରସରି ଶିଶିରଜର୍ଜର ପର୍ଣ୍ଣେ,
ଲୀଳା କରୁଅଛି ବିବିଧ ବର୍ଣ୍ଣେ
ଶିଶିରବିନ୍ଦୁରେ ପଡ଼ି
ହୀରା ନୀଳା ମୋତି ମାଣିକ୍ୟପଟଳ
ବିଚିତ୍ର ଦେଉଛି ଗଢ଼ି ।୨।

ଭାସ୍କର ଭାସ୍ୱର ମଣି ମଣ୍ଡନ,
ଦଶବଦନର ଦଶ ବଦନ-
ଜ୍ୟୋତି ଗର୍ବ କରିଥିଲା ହରଣ
ସତୀରତନଙ୍କ ଯେଉଁ ଚରଣ,
ଆଜି ସେ ପୟର ଆସି,
ମୁନି-ଉପବନେ ବିଞ୍ଚିଦେଲା କିବା
ସେହି ମଣି ଗର୍ବରାଶି ।୩।

ସତୀ-ହୃଦ ଶ୍ୟାମ ଶ୍ରୀରାମମୟ,
ସେ ହୃଦୟ ହରି ପାଦପଚୟ
କ୍ରମେ ହେଲେ ଘନ-ଶ୍ୟାମବରଣ
ପତି ଏକା ସତୀମତି-ଶରଣ
ଅବୟବ କାନ୍ତିମାନ,
ଆକର୍ଷିତ ହୋଇ କୁସୁମେ କୁସୁମେ
କ୍ରମେ ଯାଇ କଲେ ସ୍ଥାନ ।୪।

କେଶକାନ୍ତି ମାତ୍ର ନେଲା ଷଟ୍‌ପଦ,
ଚମ୍ପା ନେଲା ତନୁକାନ୍ତି ସମ୍ପଦ,
ମନ୍ଦାରକୁ ଗଲା ଅଧର ରୁଚି,
ଆଉ ସକଳକୁ ଯହିଁ ଯା ରୁଚି
ସର୍ବେ ହେଲେ କାନ୍ତିମୟ
ସ୍ୱର୍ଗଲକ୍ଷ୍ମୀ କିବା ମର୍ତ୍ତ୍ୟେ ଆସି କଲା
ଉଦ୍ୟାନକୁ ଲୀଳାମୟ ।୫।

ସତୀ-କାନ୍ତି ଥିଲା ଅମୃତ ସମ,
ପୁଷ୍ପେ ହେଲା ମଧୁ ଅମୃତୋପମ,
ମାର୍ଦବ ମାଞ୍ଜୀବ ସେରୂପେ ଯାଇ
ହେଲେ ପୁଷ୍ପକୁଳ ଅଙ୍ଗରେ ସ୍ଥାୟୀ
ସତୀ ହୋଇ ତପସ୍ୱିନୀ,
ନୀରସ ଜୀବନେ ନିଷ୍ପ୍ରଭ ଶରୀରେ
ହେଲେ ବନବିଳାସିନୀ ।୬।

ସତୀ ସତକାର କରିବା ଲାଗି
ଲୂତାଗଣ ସାରା ଶର୍ବରୀ ଲାଗି,
ଚାରୁ ଚନ୍ଦ୍ରାତପ କରି ମଣ୍ଡନ
ରଚିଥିଲେ ହେମପୁଷ୍ପେ ଲମ୍ବନ,
ପକ୍ୱ ନାଗରଙ୍ଗମାନ
ସୁବର୍ଣ୍ଣ ଗୋଲକ- ରୂପେ ଶତ ଶତ
ହେଉଥିଲେ ଲମ୍ବମାନ ।୭।

ଉଭା ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର-ପତାକା ଧରି,
ଚାରୁ ମୁଚୁକୁନ୍ଦ କୁନ୍ଦ ବକୁଳ,
ନିଆଳୀ ମାଧବୀ ବଲ୍ଲରୀକୁଳ
ଚାହୁଁଥିଲେ ଧରି ଫୁଲ
ନବୀନା ନବୀନା ଥିଲା ତାଙ୍କ ପାଶେ
କୁସୁମେ ସଜାଇ ଚୂଳ ।୮।

ସଖୀଗଣ ସଙ୍ଗେ ଜାନକୀ ସତୀ
ତାଙ୍କ ନିକଟକୁ କରନ୍ତି ଗତି,
ପୁଳକିତ ହୋଇ ମୃଦୁ ସମୀରେ
ଫୁଲମାନ ବିଞ୍ଚି ସତୀଙ୍କ ଶିରେ
କେ କଲା ଶିର ଚୁମ୍ବନ
କେ କରମର୍ଦ୍ଦନ କେ ବା ଆଲିଙ୍ଗନ
କେହି ବା ପଦବନ୍ଦନ ।୯।

ସୁରଙ୍ଗଚରଣଲେହନ ପାଇଁ
ପାରିଜାତ ଦେଲା ଜିଭ ଲମ୍ବାଇ,
ମୋତି-ଜ୍ୟୋତିନଖ ଚୁମ୍ବନ ଆଶେ
ଡାଳିମ୍ବ ରହିଲା ବିବୃତ ଆସ୍ୟେ,
କରୁଣା-ରଣ-ଆଶାୟୀ
ଚିନିଚମ୍ପା ହେଲା ହରିତବରଣ,
ରାମରୂପ-ଅନୁଯାୟୀ ।୧୦।

ସ୍ଥାନେ ସ୍ଥାନେ ଚନ୍ଦ୍ରକଳା କୋମଳ
ମନୋହର ବାଳତରୁ ସକଳ
ବାଡ଼ ଉପରକୁ ମସ୍ତକ ଟେକି
ସତୀଙ୍କୁ ସତୃଷ୍ଣେ ଥାନ୍ତି ନିରେଖି
ପାଇଲା ନାହିଁ ଯା ଶିର,
ବାଡ଼ ମଧ୍ୟେ ରହି ରନ୍ଧ୍ର ପଥେ ପଥେ
ଦର୍ଶନେ ହେଲେ ଅସ୍ଥିର । ୧୧ ।

ଚାଞ୍ଚୀ ଫୁଲଚୁଇଁ ପାଦପ ବାଡ଼େ
ବସି ଚାହିଁଥାନ୍ତି ସତୀଙ୍କ ଆଡ଼େ,
କରୁଥାନ୍ତି ଥରେ ଥରେ କାକଳି
ମୁଦେ ଯାଉଥାଏ ଲାଙ୍ଗୁଳ ହଲି
ସତୀ ଢାଳିଦେଲେ ପୟ,
ମନେ କରିଛନ୍ତି ଆଳବାଳେ ବସି
ପିଇବେ ହୋଇ ନିର୍ଭୟ । ୧୨ ।

ଊର୍ଣ୍ଣନାଭ ଥରେ ସତୀ-ପୟରେ
ପଡ଼ି ପୁଣି ଉଠେ ତରୁ ଉପରେ,
ବୃକ୍ଷୁଁ ବୃକ୍ଷେ ପୁଣି ଡେଇଁ ଚଞ୍ଚଳ,
ଦେଖାଉଛି ନିଜ କାରୁ-କୌଶଳ,
ଭାନୁ ହୋଇ ଚିତ୍ରକର,
ବିବିଧ ରଙ୍ଗରେ ରଞ୍ଜି ଦେଉଛନ୍ତି
ତା ସୂକ୍ଷ୍ମ ସୂତ୍ରନିକର । ୧୩ ।

ସ୍ୱଭାବେ ପାଦପ ଶ୍ୟାମଳ ଦଳ,
ମରକତ ଜ୍ୟୋତି ଠିଣ୍ଟିଣୀ ଦଳ
ତରୁ ଶିରେ କାହିଁ ବସି ଚଞ୍ଚଳ-
ଚଞ୍ଚୁ ମାର୍ଜନରେ ହୋଇ ଉଜ୍ଜ୍ୱଳ
ଦିଶୁଥାନ୍ତି ମନୋହର,
ଶ୍ୟାମ ଜଳନିଧି– ତରଙ୍ଗେ ଲୁଣ୍ଠିତ
ଯେହ୍ନେ ଦିବାକର-କର । ୧୪ ।

ପ୍ରେମ-ପ୍ରଭାମୟ ରାମ-ହୃଦୟ
ରାଜ-ସିଂହାସନେ ହୋଇ ଅଥୟ
ଉଦ୍ୟାନକୁ କିବା ଆସିଛି ଧାଇଁ
ସତୀଙ୍କ ଯାତନା ନାଶିବା ପାଇଁ
ସେ ନେତ୍ର ସୁଭଗ ଜ୍ୟୋତି
ସ୍ୱାତୀ-ଜଳ ପରି ସତୀ ହୃଦୟରେ
ସୃଜୁଥାଏ ପ୍ରେମ-ମୋତି । ୧୫ ।

କେଉଁ ଦିଗେ ଘନ ପନସ ବନ,
କାହିଁ ଚୂତବନ ଚୁମ୍ବେ ଗଗନ,
ଚୂତବନ ତଳ-ପ୍ରାନ୍ତେ ଆକାଶ
ଦିଶେ ଦେବଖାତ-ଜଳ-ସଂକାଶ,
ତରୁସ୍କନ୍ଧ ଶତ ଶତ
ଦିଶନ୍ତି ଯେସନ ତୋଳିଛନ୍ତି ବନ
ସର୍ବେ ହୋଇ ଏକମତ । ୧୬ ।

ଶାନ୍ତି-ସରୋବର ବିବିକ୍ତ କୂଳ
ଆଶ୍ରିଛନ୍ତି କିବା ତାପସକୁଳ,
ଗୁରୁ ବିଘ୍ନ ଭାର ମସ୍ତକେ ବହି
ନୀରବେ ନିଶ୍ଚଳେ ଗମ୍ଭୀରେ ରହି
ସତେ କି ଅଛନ୍ତି ଚାହିଁ,
ସୀତା ଶୀତାତପ- ତପନ-କିରଣ
ସନ୍ତାପ ଶମିବା ପାଇଁ । ୧୭ ।

ପ୍ରିୟଙ୍ଗୁମଣ୍ଡିତ ଇଙ୍ଗୁଦୀବନ
କାହିଁ ତୋଳିଛନ୍ତି ଶ୍ୟାମ ସଦନ,
ଶ୍ୟାମା ହୋଇ ତହିଁ ନବୀନା ବଧୂ
ଢାଳି ଦେଉଅଛି ସୁସ୍ୱର ମଧୁ,
ଇନ୍ଦ୍ରନୀଳ ପୁର ରଚି
ଇନ୍ଦ୍ରାଦେଶେ କିବା ପୂଜିବାକୁ ଆସି
ସତୀଙ୍କି ଡାକୁଛି ଶଚୀ । ୧୮ ।

ଉଜ୍ଜ୍ୱଳ ଚିକ୍କଣ ନୀଳ ପତର
ପୁନ୍ନାଗ-କାନନ ଶ୍ୟାମଳତର
ଉଡ଼ି ଉଡ଼ିଶାରୁ ଥିଲା କି ଯାଇ,
ଦେଇଥିଲା ସତୀ ମନ ରଞ୍ଜାଇ,
ନୀଳାଚଳ ରୂପ ଧରି
ବିଜେ ଅବା ରାମ ଲଭିବାକୁ ସୀତା
ପ୍ରୀତି-ସାଗର-ଲହରୀ । ୧୯ ।

ସଙ୍ଗେ ଘେନି ସତୀ ସଙ୍ଗିନୀଗଣ
ଉଦ୍ୟାନରେ ଥରେ କଲେ ଭ୍ରମଣ,
ଆର୍ଯ୍ୟାବର୍ତ୍ତ-ଉରେ କି ଭାଗୀରଥୀ
ଚଳେ ଲଭି ସଖୀବୃନ୍ଦ-ସଙ୍ଗତି !
ଅଳଂକୃତ ହେଲା ପଥ
ଉପହାସ କରି ଗନ୍ଧର୍ବଯୁବତୀ-
ବିଳସିତ ଚୈତ୍ରରଥ । ୨୦ ।

ତହୁଁ ସର୍ବେ ବହି ତମସା ଜଳ
ପୂର୍ଣ୍ଣ କଲେ ଆଳବାଳ ସକଳ,
ସ୍ୱର୍ଣ୍ଣଘଟୀ ସଲିଳ ସ୍ୱର୍ଗ ସୁନ୍ଦରୀ-
କନ୍ୟାଏ ନନ୍ଦନେ ଢାଳିଲା ପରି;
କି ଅବା ସାଗର-ନୀର,
ତୋଳି କାଦମ୍ବିନୀ    ପ୍ଲାବି ଦେଇଥାଏ
ଯଥା ବକ୍ଷ ଅବନୀର । ୨୧ ।

କଟିତଟେ ଭିଡ଼ି ବାସ ଅଞ୍ଚଳ
ଗତି କରୁଥାନ୍ତି ହୋଇ ଚଞ୍ଚଳ,
ରୁକ୍ଷକେଶ ଶିରେ କଳସ ବହି,
ସ୍ୱେଦ ଯାଉଥାଏ ଲଲାଟେ ବହି;
ପୋଛି ଦେଉଥାନ୍ତି କରେ
ମନ୍ଥରଗମନା    ରାଜନନ୍ଦନାଙ୍କୁ
ଟାକିଟାକି ଥରେ ଥରେ । ୨୨ ।

ଅନୁକମ୍ପା ଏହି ସମୟେ ଆସି
ବୋଇଲେ ମଧୁର ବାତ୍ସଲ୍ୟେ ଭାଷି
"ସୀତା ମୋର ଜଳ ବହି ନଜାଣେ,
କଷ୍ଟ ହେଉଥିବ କୋମଳ ପ୍ରାଣେ,
ନ କରୁ ଅଧିକ ଶ୍ରମ
ଉଦ୍ୟାନକୁ ଥରେ    ଦେଖିନେଉ ମାତ୍ର
ଆସିଛି ହୋଇ ପ୍ରଥମ । ୨୩ ।

ଆସ ମା' ଶୀତଳ ଛାୟାକୁ ଆସ,
ବସିବା, ନ କର ଅନ୍ୟ ପ୍ରୟାସ,
କହିଦେବି କିଛି ଆଶ୍ରମ-ରୀତି",
ବୋଲି ଘେନିଗଲେ ଦେଖାଇ ପ୍ରୀତି,
ଅନୁକମ୍ପା ସଙ୍ଗେ ସତୀ
ବସିଲେ ଛାୟାରେ    ଜଳ ଆନୟନେ
ଲାଗିଲେ ତାପସୀ-ତତି । ୨୪ ।

ଅନୁକମ୍ପା ତହିଁ ବୋଇଲେ, "ସୀତେ,
କାର୍ଯ୍ୟ କରେ ଲୋକ ଶ୍ରଦ୍ଧା ସହିତେ,
ଫୁଲେ ଫୁଲେ ଯଥା ବିଭିନ୍ନ ବାସ,
ଜୀବନେ ଜୀବନେ ଶ୍ରଦ୍ଧା ନିବାସ,
ଶରଧା ସ୍ୱଭାବବଶୁ
ଦଇବୀ ମାନବୀ    ଆସୁରୀ ଭେଦରେ
ହୋଇଥାଏ ଫଳପ୍ରସୂ । ୨୫ ।

"ଦମ୍ଭେ ଅହଙ୍କାରେ କାମ ପୋଷଣେ,
ରାଗେ ଦେହବଳେ ଆତ୍ମ-କର୍ଷଣେ,
ତପ କରିଥାନ୍ତି ଅସୁରଭାବେ,
ସମ୍ଭବ ନୁହେଁ ତା ତୋର ସ୍ୱଭାବେ,
ଦେବ ଦ୍ୱିଜ ଗୁରୁ ବୁଧେ
ଶଉଚ ଆର୍ଜବ    ଶ୍ରଦ୍ଧା ସମନ୍ୱୟେ
ପୂଜିଥାଉ ଚିତ୍ତ ଶୁଦ୍ଧେ । ୨୬ ।

"ଶାନ୍ତିପ୍ରଦ ସତ୍ୟ ପ୍ରିୟ ଭାଷଣ,
ଜୀବନର ତୋର ପ୍ରିୟ ଭୂଷଣ,
ମନକୁ ତୋ ଛୁଇଁ ନାହିଁ କପଟ,
ମାୟା କି ପାରିବ ପଶି ନିକଟ ?
ତୋ ରମ୍ୟ ସୌମ୍ୟ ମୂରତି,
କହିଦେଉଅଛି    ବିଷୟ ଗହନେ
ନାହିଁ ଆଉ ଅନୁରକ୍ତି । ୨୭ ।

"ଦଇବ ସ୍ୱଭାବେ ତୁ ତପସ୍ୱିନୀ,
ଦର୍ଶନ ମାତ୍ରେ ମୁଁ ପାରିଛି ଚିହ୍ନି,
ପବିତ୍ର ପ୍ରାଣ ତୋ ଅତି କୋମଳ,
ଘୋର ତପସ୍ୟାର ଦୁର୍ଲଭ ଫଳ,
ପୁଣି ଲତିକାର ଫୁଲ,
ନବ ତାପସୀଙ୍କ    ଆଚରିତ ଶ୍ରମ
ନୁହଇ ତା' ଅନୁକୂଳ । ୨୮ ।

କୁମାରୀମାନଙ୍କ ସଙ୍ଗରେ ରହି
ଜଳ ଆଣୁଥିବୁ ତୁମ୍ବୀରେ ବହି,
ତେଜୁଥିବୁ ତାଙ୍କ ଉତ୍ସାହ-ଦୀପ,
ତେଣୁ ନ ଥିବେ ସେ ତୋର ସମୀପ,
ଦେଇଛି ମୁଁ ତାଙ୍କୁ କହି,
ପାନ-ଭୋଜନରେ    ଲଜ୍ଜା ନ କରିବୁ
ପିପାସା ବୁଭୁକ୍ଷା ସହି । ୨୯ ।

କନ୍ୟାମାନେ କେବେ କେବେ ଆରାମେ
କାର୍ଯ୍ୟ ଥିଲେ ତୁହି ଥିବୁ ଆରାମେ
ଯେବେ ଯେଉଁ ଦ୍ରବ୍ୟେ ହେବ ତୋ' ମନ
ଅବିଳମ୍ବେ ଦେବେ କୁମାରୀଗଣ,
ନିଜେ ଭ୍ରମି ଉପବନେ
ଇଚ୍ଛାମତ ଫୁଲ    ଫଳ ତୋଳିବାରେ
ଶଙ୍କା ନ ରଖିବୁ ମନେ ।" ୩୦ ।

ଦିନ ହୋଇଗଲା ସପ୍ତ ଘଟିକା,
କନ୍ୟାଗଣ ଘେନି ଶୂନ୍ୟ ଘଟିକା
ଅନୁକମ୍ପା ପାଶେ ସ୍ୱିନ୍ନ ଶରୀରେ
ଜଣ ଜଣ ହୋଇ ବସିଲେ ଧୀରେ,
ପ୍ରଫୁଲ୍ଲ ଧୁସ୍ତୂର ଫୁଲ
ପାଶେ ଯଥା ଫଳ-          ରାଶି ତହିଁ ପାଶେ
ହିମାକ୍ତ କୁଟ୍ମଳକୁଳ । ୩୧ ।

ତହୁଁ ଉଠି ସର୍ବେ ଦ୍ୱିତୀୟ ସ୍ନାନ
କରି ବାହୁଡ଼ିଲେ ଆବାସସ୍ଥାନ,
ଫଳ ମୂଳ ଯାହା ତାପସଗଣ
ଆଣିଥିଲେ ସର୍ବେ କଲେ ଭୋଜନ,
ଅଧ୍ୟୟନ ଅଧ୍ୟାପନ
କରି ବିଧିମତେ          ତାପସ ତାପସୀ
ମଧ୍ୟାହ୍ନ କଲେ ଯାପନ । ୩୨ ।

ତାପସ ତାପସୀ ସେନେହ ସୁଖ
ତଡ଼ିଦେଲା ସତୀ ମାନସ ଦୁଃଖ,
ରାଜସୁଖ ତାଙ୍କ ସ୍ମୃତିପଥରେ
ଭ୍ରମରେ ସୁଦ୍ଧା ନ ପଡ଼ିଲା ଥରେ
ନିର୍ମଳ ହୃଦୟ-ସରେ
ମନୋହର ରୂପ          ରାମ-ରାଜହଂସ
କ୍ରୀଡୁଥାନ୍ତି ନିରନ୍ତରେ । ୩୩ ।

– – –